# NATIONAL NEWS BULLETIN (ODIA)

**7 December - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ମୟୂରଭଞ୍ଜ ଜିଲ୍ଲାରେ ଆଜି ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ରାଷ୍ଟ୍ରପତି

- ଦେଶରେ ୮୫ଟି ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ସଂକ୍ରାନ୍ତ କ୍ୟାବିନେଟ୍ ନିଷ୍ପତ୍ତିକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

- କଟକ ରେଳ ଷ୍ଟେସନର ନବନିର୍ମିତ ପୂର୍ବପାର୍ଶ୍ୱ ଷ୍ଟେସନ ଭବନର ଉଦ୍‌ଘାଟନ କଲେ ରେଳମନ୍ତ୍ରୀ

- ମହାରାଷ୍ଟ୍ର ବିଧାନସଭାର ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ

ଏବଂ

- ଆଡିଲେଡ୍ ଟେଷ୍ଟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆର ପ୍ରଥମ ଇନିଂସ ବ୍ୟାଟିଂ ଜାରି

---

## ରାଷ୍ଟ୍ରପତି

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ମୟୂରଭଞ୍ଜ ଜିଲ୍ଲାରେ ୬ ହଜାର ୪ଶହ କୋଟିରୁ ଅଧିକ ମୂଲ୍ୟର କେତେକ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ମୟୂରଭଞ୍ଜ ଗସ୍ତର ଦ୍ୱିତୀୟ ଦିନରେ ରାଷ୍ଟ୍ରପତି ବାଙ୍ଗିରିପୋଷି-ଗୋରୁମହିଷାଣୀ, ବୁଢ଼ାମରା- ଚାକୁଲିଆ ଏବଂ

ବାଦାମପାହାଡ଼-କେନ୍ଦୁଝରଗଡ଼ ରେଳଲାଇନର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି :

**V/O**

# କେନ୍ଦ୍ରୀୟ ବିଦ୍ୟାଳୟ

ସମଗ୍ର ଦେଶରେ ୮୫ଟି ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲିବା ସଂକ୍ରାନ୍ତ କ୍ୟାବିନେଟ୍ ନିଷ୍ପତ୍ତିକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଶଂସା କରିଛନ୍ତି । ସମାଜର ବିଭିନ୍ନ ବର୍ଗର ଲୋକଙ୍କ ପାଖରେ ସ୍କୁଲ ଶିକ୍ଷାକୁ ପହଞ୍ଚାଇବା ଲକ୍ଷ୍ୟରେ ସରକାରଙ୍କ ଦ୍ୱାରା ଏହା ଏକ ବଡ଼ ପଦକ୍ଷେପ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି,ଏହା ଦ୍ୱାରା ବହୁ ସଂଖ୍ୟକ ଛାତ୍ରଛାତ୍ରୀ ଉପକୃତ ହେବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ।

କ୍ୟାବିନେଟ୍ ନିଷ୍ପତ୍ତି ପରେ ଗତକାଲି ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତେ ୮୫ଟି ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଲାଗି ପ୍ରାୟ ୫ ହଜାର ୮୭୨ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଦେଶବ୍ୟାପୀ ପ୍ରାୟ ୮୨ ହଜାର ୫୬୦ ଛାତ୍ରଛାତ୍ରୀଙ୍କୁ ଉଚ୍ଚଶିକ୍ଷା ପ୍ରଦାନର ଲକ୍ଷ୍ୟ ରଖାଯାଇଛି । ଏହି ବିଦ୍ୟାଳୟ ଗୁଡ଼ିକରେ ୫ ହଜାର ୩୮୮ଟି ନିୟମିତ ପଦବୀ ସୃଷ୍ଟି ହେବ । ବର୍ତ୍ତମାନ ମସ୍କୋ, କାଠମାଣ୍ଡୁ ଓ ତେହେରାନରେ ଗୋଟିଏ ଲେଖାଏଁ କେନ୍ଦ୍ରୀୟ ବିଦ୍ୟାଳୟ ସମେତ ମୋଟ୍ ୧ ହଜାର ୨୫୬ଟି ଏହି ବିଦ୍ୟାଳୟ କାର୍ଯ୍ୟ କରୁଛି ।

ଏଥିରେ ମୋଟ୍ ୧୩ଲକ୍ଷ ୫୬ ହଜାର ବିଦ୍ୟାର୍ଥୀ ପାଠ ପଢୁଛନ୍ତି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

ସେହିଭଳି ଦେଶରେ ୨୮ଟି ନୂତନ ନବୋଦୟ ବିଦ୍ୟାଳୟ ଖୋଲାଯିବାକୁ କ୍ୟାବିନେଟ୍ ନିଷ୍ପତ୍ତି ଗ୍ରହଣ କରିଛି ବୋଲି ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି । ଏଥିପାଇଁ ୨ ହଜାର ୩ଶହ ଅଣଷଠୀ କୋଟି ୮୨ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି ।

ଦେଶର ସମସ୍ତ କେନ୍ଦ୍ରୀୟ ବିଦ୍ୟାଳୟ ଓ ନବୋଦୟ ବିଦ୍ୟାଳୟ ଗୁଡ଼ିକୁ ପି.ଏମ୍.ଶ୍ରୀ ବିଦ୍ୟାଳୟ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ଏହା ଦ୍ୱାରା ଜାତୀୟ ଶିକ୍ଷାନୀତି-୨୦୨୦ର ସଫଳ କାର୍ଯ୍ୟକାରିତା ସହ ଦୃଷ୍ଟାନ୍ତମୂଳକ ବିଦ୍ୟାଳୟ ଭାବେ ପ୍ରତିପାଦିତ ହୋଇପାରିଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

---

## ପ୍ରାକ୍ ବଜେଟ୍

ଆସନ୍ତା ଆର୍ଥିକବର୍ଷ ପାଇଁ କେନ୍ଦ୍ରୀୟ ବଜେଟ ପ୍ରସ୍ତୁତି ସଂକ୍ରାନ୍ତରେ ପ୍ରାକ୍ ବଜେଟ୍ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି । ନୂଆଦିଲ୍ଲୀଠାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ କୃଷକ ସଂଗଠନର ପ୍ରତିନିଧି ଏବଂ ଅଗ୍ରଣୀ କୃଷି ବିଶେଷଜ୍ଞ ଯୋଗଦେଇ ନିଜର ମତ ଉପସ୍ଥାପନ କରିଥିଲେ । ଏହି ଦ୍ୱିତୀୟ ପ୍ରାକ୍ ବଜେଟ୍ ଆଲୋଚନାରେ ଅର୍ଥରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ, ବିଭାଗୀୟ ସଚିବ ଏବଂ ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ ।

---

# ଅଶ୍ୱିନୀବୈଷ୍ଣବ- କଟକ ରେଳ ଷ୍ଟେସନ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି କଟକ ରେଳ ଷ୍ଟେସନର ନବନିର୍ମିତ ପୂର୍ବପାର୍ଶ୍ୱ ଷ୍ଟେସନ ଭବନର ଉଦ୍‌ଘାଟନ କରିଛନ୍ତି । ଏହା ଦ୍ୱାରା ଜାତୀୟ ରାଜପଥ ପାର୍ଶ୍ୱରୁ ଯାତ୍ରୀମାନଙ୍କ ନିରବଚ୍ଛିନ୍ନ ଯାତ୍ରା ସୁବିଧାଜନକ ହେବା ସହିତ ନିରାପତ୍ତାକୁ ବହୁଗୁଣିତ ହେବ ବୋଲି ସେ କହିଛନ୍ତି । ରାଜ୍ୟରେ ରେଳ ଭିତ୍ତିଭୂମିର ବିକାଶ  ସହିତ ବିଶ୍ୱସ୍ତରୀୟ ରେଳ ନେଟଓ୍ୱର୍କ ନିର୍ମାଣ , ପୂର୍ବାଞ୍ଚଳର ବିକାଶ ଓ ଢ଼ାଞ୍ଚାମୂଳକ ଭିତ୍ତିଭୂମି ସୁଦୃଢ଼ କରିବାର ଦିଗରେ କେନ୍ଦ୍ର ସରକାରଙ୍କ  ପ୍ରତିବଦ୍ଧତା ଏହା ଦ୍ୱାରା ପ୍ରତିଫଳିତ ହେଉଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି  ।

---

# ମହା-ବିଧାନସଭା

ମହାରାଷ୍ଟ୍ର ବିଧାନସଭାର   ୩ ଦିନିଆ ସ୍ୱତନ୍ତ୍ର ଅଧିବେଶନ ଆଜିଠାରୁ ଆରମ୍ଭ ହୋଇଛି ।  କାମଚଳା ବାଚସ୍ପତି କାଳିଦାସ କୋଲାମ୍ବକର ଅଧିବେଶନକୁ ପରିଚାଳନା କରୁଛନ୍ତି । ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ୍, ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଓ ଅଜିତ ପାଓ୍ୱାର ଗୃହର ସଦସ୍ୟ ଭାବେ ଶପଥ ନେଇଛନ୍ତି । କାମଚଳା ବାଚସ୍ପତି ନବନିର୍ବାଚିତ ସଦସ୍ୟଙ୍କୁ  ପଦ ଓ ଗୋପନୀୟତାର ଶପଥପାଠ କରାଉଛନ୍ତି । ଆଜି ଓ ଆସନ୍ତାକାଲି ଦୁଇଦିନ ଧରି ଏହି ଶପଥପାଠ କାର୍ଯ୍ୟକ୍ରମ ଚାଲିବ ।  ଆସନ୍ତା ସୋମବାର ଦିନ ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ । ଏହା ପରେ ଦେବେନ୍ଦ୍ର ଫଡନାବିସଙ୍କ ନେତୃତ୍ୱାଧୀନ ମହାୟୁତି ମେଣ୍ଟ  ସରକାର ଗୃହରେ ଆସ୍ଥା ଭୋଟ୍ ଲୋଡ଼ିବେ । ଏହାପରେ ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନ ବିଧାନସଭାର ଅଧିବେଶନକୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି ।

---

# ରାଜନାଥ-ରୁଷ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଆସନ୍ତା କାଲିଠାରୁ ୩ ଦିନିଆ ରୁଷ୍ ଗସ୍ତରେ ଯିବେ। ଏହି ଗସ୍ତ ଅବସରରେ ମସ୍କୋ ଠାରେ ଶ୍ରୀ ସିଂ ତାଙ୍କ ରୁଷୀୟ ପ୍ରତିପକ୍ଷ ଆନ୍ଦ୍ରେ ବେଲୋସଭ୍‌ଙ୍କ ସହ ଭାରତ-ରୁଷ୍ ଆନ୍ତଃ ସରକାରୀ ଆୟୋଗର ୨୧ତମ ବୈଠକରେ ସହଅଧ୍ୟକ୍ଷତା କରିବେ । ଦୁଇଦେଶ ମଧ୍ୟରେ ଶିଳ୍ପ, ସାମରିକ ଏବଂ ପ୍ରତିରକ୍ଷା କ୍ଷେତ୍ରରେ  ସଂପର୍କ ବୃଦ୍ଧି ନେଇ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ମନ୍ତ୍ରୀ ଶ୍ରୀ ସିଂ ଆସନ୍ତା ୯ ତାରିଖରେ କାଲିନଗ୍ରାଡ୍ ସ୍ଥିତ ୟନ୍ତ୍ରା ବନ୍ଦରଠାରେ ଭାରତୀୟ ନୌସେନାର ଅତ୍ୟାଧୁନିକ ବହୁମୁଖୀ ଷ୍ଟେଲ୍‌ଥ ଗାଇଡେଡ୍ ମିଶାଇଲ୍ ସଂଯୁକ୍ତ ଆଇ.ଏନ୍.ଏସ୍. ତୁସିଲ୍‌ର ଶୁଭାରମ୍ଭ କରିବେ । ନୌସେନା ମୁଖ୍ୟ ଆଡମିରାଲ୍ ଦିନେଶ କେ.  ତ୍ରିପାଠୀ ଏହି ସମାରୋହରେ ପ୍ରତିରକ୍ଷା ମନ୍ତ୍ରୀଙ୍କ ସହ ଯୋଗଦେବେ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଶହୀଦହୋଇଥିବା ସୋଭିଏତ୍ ସୈନ୍ୟଙ୍କ ସମ୍ମାନାର୍ଥେ ପ୍ରତିରକ୍ଷାମନ୍ତ୍ରୀ ଶ୍ରୀ ସିଂ ମସ୍କୋରେ ଥିବା ଦି ଟମ୍ବ ଅଫ୍ ଦି ଅନ୍‌ନୋନ୍ ସୋଲ୍‌ଜର୍ସ ସ୍ମୃତିପୀଠରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବେ। ଏହି ଗସ୍ତ ଅବସରରେ ପ୍ରତିରକ୍ଷାମନ୍ତ୍ରୀ ପ୍ରବାସୀ ଭାରତୀୟଙ୍କ ସହ ମତ ବିନିମୟର କାର୍ଯ୍ୟସୂଚୀ ରହିଛି ।

---

# ପତାକା ଦିବସ

ସଶସ୍ତ୍ର ବାହିନୀ ପତାକା ଦିବସ ଆଜି ପାଳନ କରାଯାଉଛି । ୧୯୪୯ ମସିହାରୁ ପ୍ରତିବର୍ଷ ଡିସେମ୍ବର ୭ ତାରିଖରେ ଏହି ଦିବସ ପାଳନ କରାଯାଇ ଆସୁଛି । ଶହୀଦ ଯବାନ ଏବଂ ଦେଶର ୟୁନିଫର୍ମ ପିନ୍ଧିଥିବା ସଶସ୍ତ୍ରବାହିନୀ ଯବାନଙ୍କୁ ସମ୍ମାନ ପ୍ରଦର୍ଶନ ଲକ୍ଷ୍ୟରେ ଏହି ଦିବସ ପାଳନ କରାଯାଇଥାଏ । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଭାରତୀୟ ସଶସ୍ତ୍ର

ବାହିନୀର ସାହସ, ବୀରତା ଏବଂ ବଳିଦାନକୁ ଉଚ୍ଚ ପ୍ରଶଂସା କରିଛନ୍ତି । ତାଙ୍କ ବାର୍ତ୍ତାରେ ସେ କହିଛନ୍ତି ସଶସ୍ତ୍ର ବାହିନୀର ସାହସ ଓ ଅବଦାନକୁ ଆଜି ହେଉଛି ମନେ ପକାଇବାର ଦିବସ । ଦେଶକୁ ସୁରକ୍ଷିତ ରଖିବାରେ ସଶସ୍ତ୍ର ବାହିନୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଛନ୍ତି । ସଶସ୍ତ୍ର ବାହିନୀକୁ ଅଧିକ କ୍ରିୟାଶୀଳ ଓ ମଜବୁତ କରିବା ଲାଗି ସେ ଦେଶବାସୀଙ୍କ ସହଯୋଗ କାମନା କରିଛନ୍ତି ।

## ସିରିଆ

ସିରିଆର ଦରା ସହରକୁ ବିଦ୍ରୋହୀ ସେନା ନିଜ ନିୟନ୍ତ୍ରଣକୁ ନେଇଛି । ବ୍ରିଟେନ୍‌ସ୍ଥିତ ସିରିଆ ମାନବାଧିକାର ପର୍ଯ୍ୟବେକ୍ଷକ ସଂସ୍ଥା କହିଛି, ରାଜଧାନୀ ଦମାସ୍‌କସ୍ ଠାରୁ ପ୍ରାୟ ୧୦୦ କିଲୋମିଟର ଦୂରରେ ଅବସ୍ଥିତ ଏହି ସହରର ୯୦ ପ୍ରତିଶତରୁ ଅଧିକ ଅଞ୍ଚଳକୁ ବିଦ୍ରୋହୀ ସେନା ନିଜ ନିୟନ୍ତ୍ରଣକୁ ନେଇଛନ୍ତି । ଦରା ସହରକୁ ୨୦୧୧ ନାଗରିକ ବିଦ୍ରୋହର ଜନ୍ମସ୍ଥାନ ଭାବେ ପରିଗଣିତ କରାଯାଏ । ଜୋର୍ଡାନର ଆଭ୍ୟନ୍ତରୀଣ ମନ୍ତ୍ରୀ ମାଜେନ୍ ଫରାୟା ଦକ୍ଷିଣ ସିରିଆରେ ସୁରକ୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜାବେର ସୀମାକୁ ବନ୍ଦ ରଖିବାକୁ ଘୋଷଣା କରିଛି । ଏହି ସୀମା ନିକଟରେ ସଶସ୍ତ୍ର ଗୋଷ୍ଠୀ ଅନୁପ୍ରବେଶ କରି ସିରିଆ ସେନା ଘାଟି ଉପରେ ଅଂକ୍ରମଣ କରିଥିବା ଅଭିଯୋଗ ହୋଇଥିଲା । ସିରିଆ ସେନାବାହିନୀ ଓ ବିଦ୍ରୋହୀ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ତୀବ୍ର ହୋଇଛି । ଫଳରେ ଲେବାନନ୍ ସୀମାରେ ଉଗ୍ରବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇବାର ସମ୍ଭାବନା ନେଇ ଲେବାନନ ଆଶଙ୍କା ପ୍ରକାଶ କରିଛି । ଗତ ମାସ ୨୭ ତାରିଖରେ ବିଦ୍ରୋହୀ ଗୋଷ୍ଠୀ ଓ ସିରିଆ ସେନା ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଥିଲା । ୨୯ ତାରିଖରେ ବିଦ୍ରୋହୀ ଗୋଷ୍ଠୀ ଆଲେପୋ ସହରକୁ

ଦଖଲ କରିବା ସହ ପରଦିନ ଇଦିଲିବ୍ ପ୍ରଦେଶକୁ ନିଜ ନିୟନ୍ତ୍ରଣକୁ ନେଇଥିଲେ ।

## କ୍ରିକେଟ୍-ଟେଷ୍ଟ

ଆଡିଲେଡ୍‌ର ଓଭାଲ ଠାରେ ଚାଲିଥିବା ବର୍ଡର-ଗାଭାସ୍କର ଟ୍ରଫିର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ରେ ଅଷ୍ଟ୍ରେଲିଆର ପ୍ରଥମ ଇନିଂସ ବ୍ୟାଟିଂ ଜାରି ରହିଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଅଷ୍ଟ୍ରେଲିଆ ୬ ୱିକେଟ୍ ବିନିମୟରେ ୨୯୧ ରନ୍ ସଂଗ୍ରହ କରିଥିଲା । ଟ୍ରାଭିସ୍ ହେଡ୍ ୧୨୧ ରନ୍ ଏବଂ ପାଟ୍ କମ୍ମିନ୍ସ ୮ ରନ୍ କରି କ୍ରିଜ୍‌ରେ ଅପରାଜିତ ଅଛନ୍ତି । ଭାରତ ପକ୍ଷରୁ ବୁମ୍‌ରା ୩ଟି ୱିକେଟ୍ ଅକ୍ତିଆର କରିଥିବା ବେଳେ ମହମ୍ମଦ ସିରାଜ, ନୀତିଶ  ରେଡ୍ଡୀ ଏବଂ ଅଶ୍ୱିନୀ ଗୋଟିଏ ଲେଖାଏଁ ୱିକେଟ୍ ହାସଲ କରିଛନ୍ତି । ଅଷ୍ଟ୍ରେଲିଆ ଆଜି ତା'ର ବ୍ୟାଟିଂ ଗତକାଲିର ସ୍କୋର୍ ୧ ୱିକେଟ୍‌ରେ ୮୬ ରନ୍‌ରୁ ଆରମ୍ଭ କରିଥିଲା ।

ସୂଚନାଯୋଗ୍ୟ, ଭାରତ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ପ୍ରଥମ ଇନିଂସରେ ସମସ୍ତ ୱିକେଟ୍ ହରାଇ ୧୮୦ ରନ୍ ସଂଗ୍ରହ କରିଥିଲା । ମିଚେଲ୍ ଷ୍ଟାର୍କ ୬ଟି ୱିକେଟ୍ ଅକ୍ତିଆର କରିଥିଲେ ।

ପର୍ଥ ଟେଷ୍ଟ୍‌ରେ ଭାରତ ଅଷ୍ଟ୍ରେଲିଆକୁ ୨୯୫ ରନ୍‌ରେ ପରାସ୍ତ କରି ୧-୦ରେ ସିରିଜ୍ ଆଗୁଆ ରହିଛି ।

## ଅଣ୍ଡର ନାଇଣ୍ଟିନ୍ ଏସିଆ କପ୍

୧୯ ବର୍ଷରୁ କମ୍ ପୁରୁଷ ଏସିଆକପ୍ ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ଆସନ୍ତାକାଲି ଭାରତ ଓ ବାଂଲାଦେଶ ମଧ୍ୟରେ

ଦୁବାଇଠାରେ ମୁକାବିଲା ହେବ । ଏହି ମ୍ୟାଚ୍ ଭାରତୀୟ ସମୟ ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ଆରମ୍ଭ ହେବ ।

ଗତକାଲି ସାରଜା ଠାରେ ଅନୁଷ୍ଠିତ ସେମିଫାଇନାଲ୍ ମ୍ୟାଚ୍‌ରେ ଶ୍ରୀଲଙ୍କାକୁ ଭାରତ ୭ ୱିକେଟ୍ ପରାସ୍ତ କରି ଫାଇନାଲ୍‌ରେ ପହଞ୍ଚିଛି । ଶ୍ରୀଲଙ୍କା ପକ୍ଷରୁ ଧାର୍ଯ୍ୟ ୧୭୩ରନ୍‌ର ଲକ୍ଷ୍ୟକୁ ପିଛା କରି ଭାରତ ମାତ୍ର ୨୧ ଓଭର ୪ଟି ବଲ୍‌ରେ ୧୭୫ରନ୍ କରି ବିଜୟ ହାସଲ କରିଛି ।

ଦୁବାଇ ଠାରେ ଅନୁଷ୍ଠିତ ଅନ୍ୟ ଏକ ସେମିଫାଇନାଲ୍‌ରେ ବାଂଲାଦେଶ ପାକିସ୍ତାନକୁ ୭ ୱିକେଟ୍‌ରେ ହରାଇ ଫାଇନାଲ୍‌ରେ ପ୍ରବେଶ କରିଥିଲା ।

---